# Akashvani, Sambalpur

## SAMBALPURI NEWS BULLETIN

### 27 July 2025- 6.47- 6.52 am.

*********************************************

ମନ୍ କି ବାତ୍        ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୨୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ-ଅଟଳ ପ୍ରତିଭା ସମ୍ମାନ I&PR

ଯେତେବେଲେ ଭିଲ୍ ଅଟଲ୍ ବିହାରୀ ବାଜପେୟୀଙ୍କର୍ କଥା ଆଲୋଚନା ହେବା ପୋଖରାନ୍ ପରମାଣୁ ପରୀକ୍ଷଣ୍ ଆଉ କାର୍‌ଗିଲ୍ ବିଜୟ କଥା ସବୁନୁ ଆଗାଡ଼େ ରହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ଅଟଳ ପ୍ରତିଭା ସମ୍ମାନ୍ ୨୦୨୫ ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶ୍ରୀ ମାଝୀ ଯୁଗପୁରୁଷ ପୂଜ୍ୟ ବାଜପେୟୀଙ୍କର୍ ଜନ୍ମ ଶତବାର୍ଷିକୀ ଅବ୍‌ସରେ ଇ ଖାସ୍ ସମାରୋହଥି ଓଡ଼ିଶାର୍ ସବୁ କ୍ଷେତ୍ରଥି ପ୍ରତିଭା ମାନ୍‌କୁ ସମ୍ମାନିତ୍ କର୍‌ବାର୍‌ଟା ଅନନ୍ୟ ବିଷୟ ଆଏ ବଲି କହିଛନ୍ ।

ଇ ଅବ୍‌ସରେ ଭିନ୍ ଭିନ୍ କ୍ଷେତ୍ରଥି ଦେଶ୍ ଆଉ ରାଜ୍ୟକେ ଗର୍ବିତ କରିଥିବା ବ୍ୟକ୍ତିବିଶେଷ୍ ମାନ୍‌କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ୍ କରିଛନ୍ । ବିଶିଷ୍ଟ ସାରସ୍ୱତ ସାଧିକା ପଦ୍ମଭୂଷଣ୍ ଡକ୍ଟର୍ ପ୍ରତିଭା ରାୟଙ୍କୁ ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ୍ ପ୍ରଦାନ୍ କରାଯାଇଛେ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଅଶୋକ୍ ନଗର୍ ଠାନେ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଳୟ ନ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଶିବିର୍ ଆୟୋଜନ୍ କରାଯିବା । ସଖାଲର୍ ୮ ବଜେନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କର୍‌ବେ । ଇଥିର୍‌ଲାଗି ହଜାରେ ଝନ୍ ଅନ୍‌ଲାଇନ୍ ପଞ୍ଜିକରଣ୍ କରିଛନ୍ । ଅଭିଯୋଗ୍‌କାରୀ ପଞ୍ଜିକରଣ୍ ପ୍ରାପ୍ତି ପତ୍ର ଆଉ ବ୍ୟକ୍ତିଗତ ପରିଚୟ ପତ୍ର ସହେତେ ଧାରିଜ୍ ସମିଆଥି ଶିବିର୍‌କେ ପୁହୁଁଚିବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ରାଜ୍ୟପାଲ୍                    ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଧୁନିକ୍ ସମିଆଥି ଆଂଚଲିକ୍ ସାହିତ୍ୟର୍ ଉନ୍ନତିର୍ ଲାଗି ସାମୂହିକ୍ ଚେରେଷ୍ଟା ଜରୁରୀ ଆଏ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଗଲାକାଏଲ୍ କଟକ୍ ନ ଉତ୍କଳ ସାହିତ୍ୟ ସମାଜ୍‌ର ଶହେ ୨୩ ତମ ବାର୍ଷିକ ସମାବର୍ତନ୍ ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟପାଲ୍ କହିଛନ୍, ଏକବିଂଶ ଶତାବ୍ଦୀ ନ ଆମର୍ ଆଂଚଲିକ୍ ଭାଷା ଆଉ ସାହିତ୍ୟ ଖାଲି ଅଭିଲେଖାଗାରଥି ସିମିତ୍ ହେଇକରି ନାଇଁ ରହି । ଇଟା ଗୁଟେ ଜୀବନ୍ତ ଆଉ ବିକଶିତ୍ ଶକ୍ତି ହେବାର୍ ଦର୍‌କାର୍ ବଲି

ରାଜ୍ୟପାଲ୍ କହିଛନ୍ । ଇ ଅବ୍ସରେ ଆନ୍ଧ୍ରପ୍ରଦେଶ୍ ଆଉ ଛତିଶ୍ଗଡ୍ର ଆଘର୍ ରାଜ୍ୟପାଲ୍ ବିଶ୍ୱଭୂଷଣ୍ ହରିଚନ୍ଦନ୍ଙ୍କୁ ଉତ୍କଳ ରତ୍ନ ପୁରସ୍କାର୍ଥି ରାଜ୍ୟପାଲ୍ ସମ୍ମାନିତ୍ କରିଛନ୍ ।

ସଂସଦ୍ ରତ୍ନ ପୁରସ୍କାର୍ ଆର୍ଏନ୍ୟୁ/ ସମ୍ବଲପୁର

ଲୋକ୍ସଭା ନ ଉତ୍କୃଷ୍ଟ ପ୍ରଦର୍ଶନ୍ ଲାଗି ୧୭ ଝନ୍ ସାଂସଦ୍ଙ୍କୁ ସଂସଦ୍ ରତ୍ନ ପୁରସ୍କାର୍ -୨୦୨୫ ପ୍ରଦାନ୍ କରାଯାଇଛେ । ନୂଆଦିଲ୍ଲୀ ନ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ ଇ ପୁରସ୍କାର୍ ଦେଇଛନ୍ । ଇ ପୁରସ୍କାର୍ ପାଇଥିବା ସଦସ୍ୟ ମାନ୍କର୍ ଭିତ୍ରେ ବିଜେପିର୍ ଭର୍ତୃହରି ମହତାବ୍ ଠାନ୍ ପାଇଛନ୍ । କମିଟି ଶ୍ରେଣୀଥି ଭର୍ତୃହରି ମହତାବ୍ଙ୍କର୍ ଅଧ୍ୟକ୍ଷତାଥି ଗଠିତ୍ ଅର୍ଥ ସମ୍ବନ୍ଧୀୟ ସ୍ଥାୟୀ କମିଟି ଭିଲ୍ ସମ୍ମାନିତ୍ ହେଇଛେ ।

ଶିକ୍ଷାନୁଷ୍ଠାନ୍- ସୁପ୍ରିମ୍କୋର୍ଟ ନିର୍ଦ୍ଦେଶ୍ନାମା ଆର୍ଏନ୍ୟୁ/ ସମ୍ବଲପୁର

ସାରା ଦେଶେ ଶିକ୍ଷାନୁଷ୍ଠାନ୍ ମାନ୍କେ ବଢୁଥିବା ଛାତ୍ର ଆତ୍ମହତ୍ୟାକେ କମ୍ କର୍ବାର୍ ଉଦ୍ଦେଶ୍ଥି ସୁପ୍ରିମ୍କୋର୍ଟ ୧୫ ଟା ନିର୍ଦ୍ଦେଶାବଲୀ ଜାରି କରିଛନ୍ । ସ୍କୁଲ୍, କଲେଜ୍, କୋଚିଂ ସେଂଟର୍, ବିଶ୍ୱବିଦ୍ୟାଳୟ, ଟ୍ରେନିଂ ଏକାଡେମୀ ଆଉ ହଷ୍ଟେଲ୍ ନ ଇ ନିୟମ୍ କଡ଼ାକଡ଼ି ଭାବେ ପାଲନ୍

କରାଯିବା । ଶିକ୍ଷାଗତ ଚାପ, ପରୀକ୍ଷା ଚାପ ଆଉ ସଂସ୍ଥାଗତ ସହାୟତା ଅଭାବ୍‌ନୁ ବହୁତ୍ ଝନ୍ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ ବଲି ସୁପ୍ରିମ୍‌କୋର୍ଟ କହିଛନ୍ । ସବୁ ଶିକ୍ଷାନୁଷ୍ଠାନ୍‌ମାନ୍‌କେ ମାନସିକ ସ୍ୱାସ୍ଥ୍ୟ ପରାମର୍ଶ, କାର୍ଯ୍ୟକ୍ଷମ୍ ଅଭିଯୋଗ୍ ସମାଧାନ୍ ବ୍ୟବସ୍ଥା ଆଉ ନିୟମକ ତଦାରଖ୍ ବାଗିର୍ ପଦକ୍ଷେପ୍ ମାନ୍‌କୁ ବାଧ୍ୟତାମୂଲକ୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ ।

ବହିବସ୍ତାନି- ଓସେପା                    ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍କୁଲ୍ ଛୁଆମାନ୍‌କର୍ ବହିବସ୍ତାନିର୍ ଉଜନ୍‌କେ କମ୍ କର୍‌ବାର୍ ଲାଗି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ବାହାରିଥିବା ନିର୍ଦ୍ଦେଶ୍‌ନାମାକେ କଡ଼ାକଡ଼ି ଭାବେ ପାଲନ୍ କର୍‌ବାର୍ ଲାଗି ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ୍ କହିଛନ୍ । ରାଏଜେ ଥିବା ସବୁ ସର୍‌କାରୀ, ସର୍‌କାରୀ ଅନୁଦାନ୍ ପାଉଥିବା ଆଉ ଘରୋଇ ବିଦ୍ୟାଳୟ ମାନ୍‌କୁ ଇ ନିୟମ୍ ମାନ୍‌ବାର୍ ଲାଗି ବାଧ୍ୟତାମୂଲକ୍ କରାଯାଇଛେ ।

ଅଗ୍ନିବୀର ବାୟୁ ପରାମର୍ଶ କାର୍ଯ୍ୟକ୍ରମ୍     ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ଦକ୍ଷତା ବିକାଶ ଆଉ ନିୟୋଜନ୍ କାର୍ଯ୍ୟାଳୟ ଆଉ ଭୁବ୍‌ନେଶ୍ୱର୍ ୯ ନମ୍ବର୍ ଏୟାର୍‌ମେନ୍ ସର୍ଭିସ୍ ସେଂଟର୍ ତର୍‌ଫୁ ଜିଲ୍ଲାର୍ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ ମାନ୍‌କେ ଅଗ୍ନିବୀର ବାୟୁ ନିଯୁକ୍ତି ପରାମର୍ଶ ଆଉ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲା ଦକ୍ଷତା ବିକାଶ୍ ଆଉ ନିୟୋଜନ ଅଧିକାରୀ କେ. ରୋଜା ଦୋରା ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଅତିଥିମାନେ ଅଗ୍ନିବୀର ବାୟୁ ବାହିନୀଥି ଯୋଗ୍ ଦେବାର୍‌କେ ଛାତ୍ରଛାତ୍ରୀମାନ୍‌କୁ ତହଁକେଇଥିଲେ ।

ସାହାଣୀ କପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଫୁଟ୍‌ବଲ୍ ଆସୋସିଏସନ୍ ଆଉ ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍‌ଫୁ ଚାଲିଥିବା ୬୪ ନମ୍ବର୍ ବରିଷ୍ଠ ପୁରୁଷ ଅନ୍ତଃଜିଲ୍ଲା ଫୁଟ୍‌ବଲ୍ ଚମ୍ପିଆନ୍‌ସିପ୍ ସାହାଣୀକପ୍‌ଥି ଗଲାକାଏଲ୍ କଟକ୍ ପହେଲା ଦଲ୍ ଭାବେ ଫାଇନାଲ୍‌କେ ଯାଇଛେ । ପହେଲା ସେମିଫାଇନାଲ୍ ମେଚ୍‌ଥି କଟକ୍ ଦଲ୍ ୫-ଶୂନ୍ ଗୋଲ୍‌ଥି ସୁନ୍ଦର୍‌ଗଡ଼୍‌କେ ହରେଇଥିଲା । ବ୍ରହ୍ମପୁର୍ ଜୋନ୍ ନ ଆଏଜ୍ ୨ ନମ୍ବର୍ ସେମିଫାଇନାଲ୍ ମେଚ୍ ସମ୍ବଲ୍‌ପୁର୍ ଆର୍ କୋରାପୁଟ୍ ଭିତ୍‌ରେ ଖେଲାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍ସାଗର୍ ନ ସକ୍ରିୟ ଲଘୁଚାପ୍ କ୍ଷେତ୍ର ଅବପାତଥି ବଦ୍ଲିଛେ । ଇତାର୍ପ୍ରଭାବ୍ଥି ଆଏବାକାଏଲ୍ତକ୍ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଜବର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍ଭଣ୍ଡାର୍ନୁ ୨୦ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍ ୬ ବଜେତକ୍ ଫି ସେକେଣ୍ଡଥି ଜଲ୍ଭଣ୍ଡାର୍କେ ୫ ଲାଖ୍ ୪୨ ହଜାର୍ ୪ ଶହ ୪୮ ଘନ୍ଫୁଟ୍ ପାଏନ୍ ଆସୁଥିବାର୍ ବେଲ୍କେ ୩ ଲାଖ୍ ୪୧ ହଜାର୍ ୮ ଶହ ୩୪ ଘନଫୁଟ୍ ପାଏନ୍ ଛଡ଼ା ଯାଉଛେ ।